# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**22 August - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- କ୍ରମାଗତ ତୃତୀୟ ଦିନ ପାଇଁ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ବିଧାନସଭା କାର୍ଯ୍ୟ ବାଧାପ୍ରାପ୍ତ

– ଅପରାହ୍ନ ୪ଟା ଯାଏଁ ଗୃହକୁ ମୁଲତବୀ ଘୋଷଣା କଲେ ବାଚସ୍ପତି

- ଚିକିଟି ମଦମୃତ୍ୟୁ ମାମଲାର ଆର୍‌ଡିସି ତଦନ୍ତ ପାଇଁ ସରକାରଙ୍କ ନିଷ୍ପତ୍ତି
- ରାଜ୍ୟର ୧୪ଟି ଜିଲ୍ଲା ଭୂମିକମ୍ପ ପ୍ରବଣ ଜୋନ୍-୩ ଭାବେ ଚିହ୍ନଟ ହୋଇଛି; କହିଲେ ରାଜସ୍ୱ ଓ ବିପର୍ଯ୍ୟନ୍ତ ପରିଚାଳନା ମନ୍ତ୍ରୀ
- ଗଞ୍ଜାମ ଜିଲ୍ଲା ସମରଝୋଳ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ

ଏବଂ

- ଚଳିତ ଆର୍ଥିକ ବର୍ଷର ପଶୁଗଣନା କାର୍ଯ୍ୟ ଆରମ୍ଭ ହେବ ଆସନ୍ତା ପହିଲାରୁ

***BBSR***

## ବିଧାନସଭା- ମୁଲତବୀ

କ୍ରମାଗତ ତୃତୀୟ ଦିନ ପାଇଁ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜି ବିଧାନସଭା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଚିକିଟି ମଦମୃତ୍ୟୁ ପ୍ରସଙ୍ଗ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢ଼ାଉ ପ୍ରସଙ୍ଗକୁ ନେଇ ଆଜି ଗୃହରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ପ୍ରବଳ ହଟ୍ଟଗୋଳ ହୋଇଥିଲା। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଚିକିଟି ମଦ ମୃତ୍ୟୁ ଘଟଣାରେ ବିଜେଡି ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବା ବେଳେ କଂଗ୍ରେସ ଇଡି ଚଢ଼ାଉକୁ ନେଇ ହଟ୍ଟଗୋଳ କରିଥିଲା। ଫଳରେ ବାଚସ୍ପତି ୧୦ଟା ୩୬ରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ସାଢ଼େ ୧୧ଟାରୁ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହେବା ମାତ୍ରେ ପୂର୍ବପରି ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବିରୋଧୀଙ୍କ ଏପରି ଆଚରଣକୁ ଶାସକ ଦଳ ସଭ୍ୟ ଟଙ୍କଧର ତ୍ରିପାଠୀ କଡ଼ା ସମାଲୋଚନା କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗତ ୩ ଦିନ ହେଲା ଗୃହରେ ଆଲୋଚନା ହୋଇପାରୁନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ’ ଚିକିଟି ମଦମୃତ୍ୟୁ ପ୍ରସଙ୍ଗରେ ବିରୋଧୀ ଦଳ ଆଣିଥିବା ମୁଲତବୀ ପ୍ରସ୍ତାବ ଉପରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ। ଗୃହ ପରିଚାଳନାରେ

ସହଯୋଗ କରିବାକୁ ସେ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ତେବେ ବିରୋଧୀ ସଦସ୍ୟ ପୂର୍ବଭଳି ହଟ୍ଟଗୋଳ କରିବାରୁ ବାଚସ୍ପତି ୧୧ଟା ୩୩ରୁ ୧୧ଟା ୪୮ ଏବଂ ପରେ ୧୧ଟା ୫୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ଘୋଷଣା କରିଥିଲେ।

***HS***

## ମଦମୃତ୍ୟୁ ମାମଲା

ଚିକିଟି ମଦମୃତ୍ୟୁ ମାମଲାରେ ଆର୍.ଡି.ସି. ତଦନ୍ତ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଅବକାରୀ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦୁଇ ମାସ ମଧ୍ୟରେ ମାମଲାର ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିବାକୁ ଆର୍.ଡି.ସି.ଙ୍କୁ କୁହାଯିବ। ସେ କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଚୋରା ମଦଭାଟି ଗୁଡ଼ିକ ଉପରେ ଚଢ଼ାଉ ଜାରି ରହିଛି। ଏ ପର୍ଯ୍ୟନ୍ତ ମଦ ଚୋରା କାରବାରରେ ସମ୍ପୃକ୍ତ ୧୧୭ ଜଣଙ୍କୁ ଗିରଫ କରାଯାଇଛି। ଚୋରା ମଦ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାରେ ଦୁଇ ଜଣ ଅବକାରୀ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଅଧୀକ୍ଷକଙ୍କୁ ବଦଳି କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମପୁର ଅବକାରୀ ଜିଲ୍ଲାର ଅବକାରୀ ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟରଙ୍କୁ ନିଲମ୍ବନ କରାଯାଇଥିବା ବେଳେ ବ୍ରହ୍ମପୁର ଅବକାରୀ ଅଧୀକ୍ଷକଙ୍କୁ ଅନ୍ୟତ୍ର

ବଦଳି କରାଯାଇଛି। ସୂଚନାଯୋଗ୍ୟ, ଏହି ଘଟଣାରେ ଗତ ସନ୍ଧ୍ୟାରେ ଆଉ ଜଣଙ୍କର ମୃତ୍ୟୁ ହୋଇଛି। ଡାକ୍ତରଖାନାରେ ଏବେ ମଧ୍ୟ ୧୩ ଜଣ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

***BBSR***

## ବିଧାନସଭା- ରାଜସ୍ୱ ବିପର୍ଯ୍ୟୟ

ରାଜ୍ୟର ୧୪ଟି ଜିଲ୍ଲା ଭୂମିକମ୍ପ ପ୍ରବଣ ଜୋନ୍-୩ ଭାବେ ଚିହ୍ନଟ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରି ସେ କହିଛନ୍ତି, ଜୋନ୍-୩ ଅନ୍ତର୍ଗତ ଅଞ୍ଚଳଗୁଡ଼ିକ ଭୂମିକମ୍ପ ପ୍ରଭାବିତ ମଧ୍ୟମ କ୍ଷୟକ୍ଷତି ସ୍ଥାନ ଭାବେ ବିବେଚିତ ହୋଇଥାଏ। ଏହି ଜିଲ୍ଲାଗୁଡ଼ିକ ହେଉଛି ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ବାଲେଶ୍ୱର ଏବଂ ମୟୂରଭଞ୍ଜ। ରାଜ୍ୟର ଅନ୍ୟ ଅଞ୍ଚଳଗୁଡ଼ିକ ନିମ୍ନ କ୍ଷୟକ୍ଷତି ସମ୍ପନ୍ନ ଭୂମିକମ୍ପ ଜୋନ୍-୨ ଭାବେ ତାଲିକାଭୁକ୍ତ ହୋଇଛି ବୋଲି ସେ କହିଛନ୍ତି।

ଗଜପତି ଜିଲ୍ଲାରେ ୧୨୯ଟି ସମ୍ଭାବ୍ୟ ଭୂସ୍ଖଳନ ସ୍ଥାନକୁ ମଧ୍ୟ ଚିହ୍ନଟ କରାଯାଇଛି। ସେ କହିଛନ୍ତି, ଭୂସ୍ଖଳନ ପ୍ରଭାବକୁ ହ୍ରାସ କରିବା ପାଇଁ ବିଭିନ୍ନ ଭାରତୀୟ ବିଭାଗ, ଭାରତୀୟ ପାଣିପାଗ ବିଭାଗ, କେରଳର ଅମୃତା ବିଶ୍ୱବିଦ୍ୟାପୀଠମ୍ ମଧ୍ୟରେ ନିୟମିତ ବୈଠକ ମାଧ୍ୟରେ ବିଚାର

ଆଲୋଚନା କରାଯାଉଛି। ଏ ସଂକ୍ରାନ୍ତରେ ଏକ ସର୍ଭେ ରିପୋର୍ଟ ପ୍ରସ୍ତୁତ କରିବାକୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଅମୃତା ବିଶ୍ୱବିଦ୍ୟାପୀଠମ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଗୃହରେ ସୂଚନା ଦେଇଛନ୍ତି।

***BHK***

## ମୁଖ୍ୟମନ୍ତ୍ରୀ– ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଛି। ରାଜ୍ୟରେ ପ୍ରଥମଥର ପାଇଁ ପ୍ରଦାନ କରାଯାଇଥିବା ଏହି ପୁରସ୍କାର ଯୋଜନାର ଭଦ୍ରକ ଜିଲ୍ଲାର ୯୯୦ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ୮୨୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଏବଂ ୧୭୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ପୁରସ୍କାର ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରୁ ୨୫ ଜଣ ରାଜ୍ୟସ୍ତରୀୟ ପୁରସ୍କାର ପାଇବେ। ହାଇସ୍କୁଲ ପରୀକ୍ଷାଫଳ ଆଧାରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଏବଂ ଓଡ଼ିଆ ଭାଷାରେ ୯୦ ନମ୍ବରରୁ ଅଧିକ ରଖିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ପୁରସ୍କାର ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଆସନ୍ତା ମାସ ୫ ତାରିଖ ଗୁରୁଦିବସ ପାଳନ ଅବସରରେ ରାଜ୍ୟ ତଥା ଜିଲ୍ଲାସ୍ତରରେ ଏହି କାର୍ଯ୍ୟକ୍ରମ ପାଳନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

***HS***

## ଗଞ୍ଜାମ– ସଡ଼କ ଦୁର୍ଘଟଣା

ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ସମରଝୋଳ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହେବା ସହ ୨୦ ଜଣ ଆହତ ହୋଇଛନ୍ତି । ଆସ୍କାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ୍ ଆଜି ସକାଳ ସାଢ଼େ ୫ଟା ବେଳେ ସମରଝୋଳ ଛକ ନିକଟରେ ଏକ ତେଲ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି ।

ଧକ୍କା ହେବାର କିଛି ସମୟ ପରେ ଉଭୟ ଗାଡ଼ି ରାସ୍ତା ପାର୍ଶ୍ୱରେ ଥିବା ଏକ ଚା’ ଦୋକାନ ଭିତରକୁ ମାଡ଼ି ଯାଇଥିଲେ । ମୃତକଙ୍କ ମଧ୍ୟରେ ଚା’ ପିଉଥିବା ୩ ଜଣ ଏବଂ ୨ ଜଣ ବସ୍ ଯାତ୍ରୀ ଅଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ବ୍ରହ୍ମପୁର ଏମ୍କେସିଜି ମେଡିକାଲରେ ଭର୍ତ୍ତି କରିଥିଲା ।

ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଡାକ୍ତରଖାନା ପରିଦର୍ଶନ ପରେ କହିଛନ୍ତି, ଗୁରୁତର ଆହତ ୧୩ ଜଣଙ୍କୁ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସା କରାଯାଉଛି । ବସ୍‌ରେ ୫୦ ଜଣ ଯାତ୍ରା କରୁଥିଲେ ବୋଲି ଜଣାପଡ଼ିଛି ।

ଏହି ଦୁର୍ଘଟଣାରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି । ଭିନ୍ନ ଭିନ୍ନ ଶୋକବାର୍ତ୍ତାରେ ସେମାନେ ଅମରଆତ୍ମାର ସଦ୍‌ଗତି

କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଆହତଙ୍କର ଆଶୁଆରୋଗ୍ୟ ମଧ୍ୟ କାମନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୃତବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଗୁରୁତର ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

***Nayagarh***

## ବ୍ଲକ ଅଧ୍ୟକ୍ଷ ନିର୍ବାଚିତ

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଅଧ୍ୟକ୍ଷ ଭାବେ ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ପୁନଃ ନିର୍ବାଚିତ ହୋଇଛନ୍ତି । ମୋଟ ୨୦ ଜଣ ସମିତି ସଭ୍ୟଙ୍କ ମଧ୍ୟରୁ ୧୬ ଜଣ ସାବିତ୍ରୀଙ୍କ ସପକ୍ଷରେ ମତ ଦେଇଥିଲେ । ପ୍ରାର୍ଥୀପତ୍ର ଦାଖଲର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାବିତ୍ରୀଙ୍କ ବ୍ୟତୀତ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ ନ କରିବାରୁ ସାବିତ୍ରୀ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନରେ ସାବିତ୍ରୀ ପ୍ରଧାନ ଭାପୁର ବ୍ଲକର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ତେବେ ଗତ ବିଧାନସଭା ନିର୍ବାଚନରେ ଖଣ୍ଡପଡ଼ାରୁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ । ସେଥିପାଇଁ ସେ ବ୍ଲକ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ । ସେବେଠାରୁ ଏହି ପଦବୀ ଖାଲି ପଡ଼ିଥିଲା । ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସମ୍ପନ୍ନ କରିବା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

*Kendrapara*

# ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚିତ

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷଭାବେ ବିଜୁ ଜନତା ଦଳର ପ୍ରାର୍ଥୀ ଲିଲିତା ଦାସ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି । ୫ ଜଣ ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟା ଲିଲିତା ଦାସ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅନ୍ୟକେହି ପ୍ରାର୍ଥୀପତ୍ର ଦାଖଲ ନ କରିବାରୁ ତାଙ୍କୁ ନିର୍ବାଚିତ ଘୋଷଣା କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

*gANJAM*

# ଗଞ୍ଜାମ  ବ୍ଲକ ଅଧ୍ୟକ୍ଷ ନିର୍ବାଚନ

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଭାବେ ବିଜେପିର କୁମାରୀ ଦାସ ନିର୍ବାଚିତ ହୋଇଛନ୍ତି । ମୋଟ ୨୯ଟି ପଞ୍ଚାୟତ ସମିତି ସଭ୍ୟ ମଧ୍ୟରୁ ୨୮ ଜଣ ମତଦାନ କରିଥିଲେ। ୨୫ଟି ମତ ବିଜେପି ସପକ୍ଷରେ ଯାଇଥିବା ବେଳେ ବିଜେଡିକୁ ୩ଟି ମିଳିଛି । ପୂର୍ବରୁ ବିଜେଡିର ଦଇତାରୀ ବେହେରା ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥିପାଇଁ ଆଜି ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ତେବେ ବିଜେଡିର ଦଇତାରୀ ବେହେରାଙ୍କୁ ପରାସ୍ତ କରି ବିଜେପିର କୁମାରୀ ଦାସ ବିଜୟୀ ହୋଇଛନ୍ତି ।

*Desk*

## ପଶୁଗଣନା

ରାଜ୍ୟରେ ଚଳିତ ଆର୍ଥିକ ବର୍ଷର ପଶୁଗଣନା କାର୍ଯ୍ୟ ଆସନ୍ତା ପହିଲାରୁ ଆରମ୍ଭ ହେବ । ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗତ ୨୦୧୯ ମସିହାରେ ଶେଷ ଥର ଲାଗି ଜିଲ୍ଲାୱାରୀ ପଶୁଗଣନା କାର୍ଯ୍ୟ କରାଯାଇଥିଲା । ତେବେ ରାଜ୍ୟରେ ନୂଆ ପଶୁ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି ଶ୍ରୀ ମଲ୍ଲିକ ସ୍ପଷ୍ଟ କରିଛନ୍ତି ।

*Raygada*

## ଡେଙ୍ଗୁ ସଚେତତନତା କାର୍ଯ୍ୟକ୍ରମ

ରାୟଗଡ଼ା ଜିଲ୍ଲା ସ୍ୱାସ୍ଥ୍ୟସମିତି ପକ୍ଷରୁ ଡେଙ୍ଗୁ ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମ୍ପର୍କିତ ଏକ ଜନସଚେତନତା ରଥର ଆଜିତ ଶୁଭାରମ୍ଭ ହୋଇଛି । ସମଗ୍ର ଜିଲ୍ଲାରେ ଏ ନେଇ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଜିଲ୍ଲାପାଳ ପାରୁଲ ପଟୱାରୀ କହିଛନ୍ତି। ସଚେତନତା ରଥ ମାଧ୍ୟମରେ ଡେଙ୍ଗୁ ରୋଗର କାରଣ ଏବଂ ଏହାର ନିରାକରଣ ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯାଉଛି ।

*HS*

## ପାଣିପାଗ

ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ

ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଝାଡ଼ଖଣ୍ଡ ଏବଂ ତା'ର ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ଏବଂ ବ୍ରଜପାତର ସମ୍ଭାବନା ନେଇ ୧୫ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜଗତସିଂହପୁର ରଘୁନାଥପୁରଠାରେ ସର୍ବାଧିକ ୧୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।